**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 19-12-2023

ଗଜପତି(ଓଡିଶା) - :2023-12-19 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-20 | 2023-12-21 | 2023-12-22 | 2023-12-23 | 2023-12-24 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 29.0 | 29.0 | 30.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 15.0 | 15.0 | 15.0 | 15.0 | 16.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 64 | 61 | 69 | 84 | 78 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 28 | 28 | 25 | 30 | 32 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 4 | 4 | 4 | 5 |
| ପବନର ଦିଗ (ଡିଗ୍ରୀ) | 124 | 163 | 154 | 158 | 124 |
| ମେଘାଚ୍ଛନ (ଅକ୍ଟା) | 1 | 1 | 3 | 3 | 3 |

### ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ମୁଖ୍ୟତଃ ସ୍ୱଚ୍ଛ ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୪.୦ ରୁ ୦୫.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯.୦° ସେଲସିୟସ ରୁ ୩୦.୦° ସେଲସିୟସ ଏବଂ ୧୫.୦° ସେଲସିୟସ ରୁ ୧୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୬୧ ରୁ ୮୪ ଶତକଡା ଏବଂ ୨୫ ରୁ ୩୨ ଶତକଡା ମଧ୍ୟରେ ରହିପାରେ ।

### ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୨୯.୪° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୫.୪° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୦ ମିଲିମିଟର ବର୍ଷା ହୋଇଅଛି । କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣର ବ୍ୟବସ୍ଥା କରନ୍ତୁ । ରବି ପନିପରିବା ରେ ଘାସ ବାଛି କୋଡାଖୋସା କରନ୍ତୁ । କୋବି ଜାତୀୟ ପନିପରିବା ଫସଲରେ ୭-୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ । ଶୀତ ଋତୁ ରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ କରିବାର ବ୍ୟବସ୍ଥା କରନ୍ତୁ । କୁକୁଡା ରହୁଥିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ୍ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ ।

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କୁହୁଡି ଓ କମ୍ ତାପମାତ୍ରା ରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ହାଲୁକା ଜଳ ସେଚନ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟ୍ୟାପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀର ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମାନସ୍ୱିନୀ, ଡିଆରଆର-୪୨, ଡିଆରଆର-୪୩, ଡିଆରଆର-୪୪, ବୀଣା-୧୧, ଜିବି-୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧, ନବୀନ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ । ଏକ ଏକର ଧାନ ଚାଷ ପାଇଁ ୨୦ କିଲୋଗ୍ରାମ ଧାନ ବିହନ ତଳି ପକେଇବା ପାଇଁ ଆବଶ୍ୟକ ହୋଇଥାଏ । ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଏବଂ ଥିରାମ ର ମିଳିତ ଫିମ୍ପିନାଶକ କୁ ମିଶାଇ ବିହନ ବିଶୋଧନ କରନ୍ତୁ । |
| ବିରି | ସାହେବୀ ରୋଗ ନହେବା ପାଇଁ ସାହେବୀ ରୋଗ ନିରୋଧୀ କିସମ ଯଥା ପିଡିଏମ ୧୩୯, ପିଡିଏମ ୧୧ ଚୟନ କରନ୍ତୁ କିମ୍ବା ସାହେବୀ ରୋଗ ହେଇନଥିବା ଗଛରୁ ବିହନ ସଂଗ୍ରହ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ ବିହନ ରେ ୭ ଗ୍ରାମ ଇମିଡ଼ାକ୍ଲୋପ୍ରିଡ ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ । ଗଛ ୨-୩ ପତ୍ର ହେବା ଅବସ୍ଥାରୁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ଧଳାମାଛି ମାନେ ହଳଦିଆ ରଙ୍ଗ ପ୍ରତି ଆକୃଷ୍ଟ ହୋଇ ଯନ୍ତା ଅଠାରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ସୂର୍ଯ୍ୟମୁଖୀ (ସୂଂଫ୍ଲୋବେର) | ସୂର୍ଯ୍ୟମୁଖୀ ଫସଲ ବର୍ତ୍ତମାନ ୨୫-୩୦ ଦିନ ଅବଧିର ଅଛି । କୋଡାଖୋସା କରି ଘାସ ବାଛି ଯବକ୍ଷାରଜାନଯୁକ୍ତ ସାର କୁ ପ୍ରୟୋଗ କରନ୍ତୁ । |
| ତୁଳା | ଶୁଖିଲା ପାଗ ଦେଖି ସକାଳ ୯ଟା ପରେ କାକର ଶୁଖିଗଲା ପରେ କପା ତୋଳନ୍ତୁ । କପା ତୋଳିବା ପାଇଁ ସଫା କନା ମୁଣା ବା ବାସ୍କେଟ ବ୍ୟବହାର କରନ୍ତୁ । କପା ତୋଳିବା ସମୟରେ ଶୁଖିଲା ପତ୍ର, କାଠି ଆଦି ବାହାର କରିଦେବା ଉଚିତ । ଅମଳ ହୋଇଥିବା କପାକୁ ସିମେଣ୍ଟ ଚଟାଣ ବା ଟାରପୋଲିନ ପାଲ ଉପରେ ଟାଣ ଖରାରେ ୨ ରୁ ୩ ଘଣ୍ଟା ଶୁଖାନ୍ତୁ । ପ୍ରଥମ ତୋଳା, ଦ୍ୱିତୀୟ ତୋଳା ଏବଂ ତୃତୀୟ ଥର ତୋଳା କପା କୁ ଅଲଗା ରଖନ୍ତୁ । ଏକ ରୁ ଅଧିକ କିସମର କପା ଚାଷ କରୁଥିଲେ କିସମ ଅନୁସାରେ ତୁଳା କୁ ଅଲଗା ରଖନ୍ତୁ । କପା ରେ ଧୂଳି, ମାଟି, ପଲିଥିନ ଇତ୍ୟାଦି ମିଶିବାକୁ ଦିଅନ୍ତୁ ନାହିଁ । |
| ସୋରିଷ | ଆଗରୁ ବୁଣା ଯାଇଥିବା ସୋରିଷ ଫସଲରେ ବର୍ତ୍ତମାନ ସମୟରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮-ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ । ଏକର ପ୍ରତି ୬୦୦ ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଝଖଣ୍ଡଙ୍ଗ୍ଠ | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଫୁଲକୋବି | କୋବି ଫସଲରେ ବୋରନ ଅଣୁସାର ଜନିତ ଗଠନଗତ ସମସ୍ୟା ର ପରିଚାଳନା ପାଇଁ ପ୍ରତି ୪ କିଲୋଗ୍ରାମ ବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରି ନ ଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ର ରେ ସିଂଚନ କରନ୍ତୁ । |
| ଟମାଟର | ଟମାଟୋ ଫସଲରେ ଫଳବିନ୍ଧା ପୋକ ର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରି ଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି Heliure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ । ଟମାଟୋ ଫସଲରେ ଯଦି ଶତକଡା ୧୦ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ଉପାଯରେ ପରିଚାଳନା ପାଇଁ ଏକର ପ୍ରତି ୮୦ ମିଲି କ୍ଲୋରାନଟ୍ରାନିଲିପ୍ରୋଲ କିମ୍ବା ୪୦ ମିଲି ଫ୍ଲୁବେଣ୍ଡିଆମାଇଡ୍ କିମ୍ବା ୨୦୦ ମିଲି ଇଣ୍ଡୋକ୍ସାକାର୍ବ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଓ ଥିରାମ ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ବାୟୁ ଚଳପ୍ରଚଳ କରୁଥିବା ଗୁହାଳ ଘରେ ରଖନ୍ତୁ । ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ, ଗାଈଗୋରୁ ଶୋଇବା ସ୍ଥାନରେ ନଡା ବିଛେଇ ଦିଅନ୍ତୁ । ଶୀତ ଦିନରେ ତାପମାତ୍ରା ହ୍ରାସ ପାଉଥିବାରୁ ଗାଈଗୋରୁ ମାନଙ୍କୁ ଅଧିକ ମାତ୍ରାରେ ଖାଦ୍ୟ ଆବଶ୍ୟକ ହୋଇଥାଏ । ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରାରେ ଖାଇବାକୁ ଦିଅନ୍ତୁ । ମଇଁଷି ଓ ଗାଈଗୋରୁ ମାନଙ୍କ ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ ଆଦି ଗୋଖାଦ୍ୟ ୩ କେଜି ହିସାବରେ ଦିଅନ୍ତୁ । |
| ଛେଳି | ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ୍ୟ ଜଣାଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଦୁର୍ବଳ ଚର୍ମ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି । ତେଣୁ ପଶୁମାନଙ୍କୁ ଉଚିତ୍ ଟୀକାକରଣ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ନିମନ୍ତେ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କୁ ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ । ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ । |